# ଚାପରେ ତଦନ୍ତକାରୀ ଅଧିକାରୀ

**ରସୁଲପୁର,୧୮।୩(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅଞ୍ଚଳରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଖୋଜା ଚାଲିଛି। ଏଥିପାଇଁ ସର୍ଭେ କରାଯାଉଛି। ସର୍ଭେ କାର୍ଯ୍ୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ପ୍ରାଥମିକସ୍ତରରେ ପ୍ରସ୍ତୁତ ହେଉଥିବା ତାଲିକାରୁ ବ୍ଲକ ପକ୍ଷରୁ ଏବିଡିଓ, ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ଅନ୍ୟୂନ ୫୦ଶତକଡ଼ା ଲୋକଙ୍କ ସ୍ଥିତି ଅନୁଧ୍ୟାନ କରାଯାଇ ତାଲିକା ଚୂଡ଼ାନ୍ତ କରାଯିବ ବୋଲି କୁହାଯାଉଛି। ତେବେ ଏହି ସର୍ଭେ କାର୍ଯ୍ୟ ଜାରି ରହିଥିବାବେଳେ ବହୁ ଅଯୋଗ୍ୟ ପରିବାରଙ୍କ ନାମ ତାଲିକାରେ ଯୋଡ଼ିବା ପାଇଁ ତଦନ୍ତ ଅଧିକାରୀଙ୍କ ଉପରେ ଚାପ ପକାଯାଉଛି। ଏ ଦିଗରେ ତୃଣମୂଳସ୍ତରର ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଧାୟକ ଓ ଏମ୍‌ପିଙ୍କ ପର୍ଯ୍ୟନ୍ତ ଲମ୍ବା ତାଲିକା ତଦନ୍ତ ଅଧିକାରୀଙ୍କ ପାଖରେ ପହଞ୍ଚୁଛି। ଏଭଳି ସ୍ଥିତି ତଦନ୍ତ ଅଧିକାରୀଙ୍କୁ ଅଡୁଆରେ ପକାଉଛି। ଅଧିକାରୀଙ୍କୁ ବାରମ୍ବାର କ୍ଷେତ୍ର ପରିଦର୍ଶନ କରିବାକୁ ପଡୁଛି। କେତେକ କ୍ଷେତ୍ରରେ ତଦନ୍ତ ଅଧିକାରୀ ସିଧାସଳଖ ସାଧାରଣ ଜନତାଙ୍କ ଆକ୍ରୋଶର ଶିକାର ହେଉଥିବା ଅଭିଯୋଗ ହେଉଛି। ଫଳରେ ଅଧିକାରୀ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତି କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନା ମୁତାବକ, ୨୪ ଜାନୁଆରୀ ୨୦୨୫ରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଆବେଦନ ପ୍ରକ୍ରିୟା ଜାରି ରହିଛି। ଏହି ସର୍ଭେ ନିଜେ ହିତାଧିକାରୀ ଓ ସହାୟକ ସର୍ଭେୟରଙ୍କ ଦ୍ୱାରା କରଯାଉଛି। ଏହାରି ଭିତରେ ଅନ୍ତ୍ୟୋଦୟ ଗୃହ ଯୋଜନା ପାଇଁ ସର୍ଭେ କରିବାକୁ ସରକାରୀ ନିର୍ଦ୍ଦେଶ ଦିଆଯାଇଛି। ରସୁଲପୁର ବ୍ଲକର ପ୍ରତ୍ୟେକ ପଞ୍ଚାୟତରୁ ୨୦ଜଣ ଲେଖାଏ ଯୋଗ୍ୟ ହିତାଧିକାରୀ ହିସାବରେ ବ୍ଲକର ୨୮ ପଞ୍ଚାୟତରୁ ୫୬୦ ହିତାଧିକାରୀ ଚୟନ କରି ତାଲିକା ଦାଖଲ କରିବାକୁ କ୍ଷେତ୍ରାଧିକାରୀଙ୍କୁ ବିଡିଓଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ପ୍ରକ୍ରିୟା ଶେଷ ହେବା ସହ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ ହେବା ପରେ ମାର୍ଚ୍ଚ ୩୦ରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଏହି ଆଧାରରେ ତଦନ୍ତ ପ୍ରକ୍ରିୟା ଯୁଦ୍ଧକାଳୀନ ଭିତ୍ତିରେ ଜାରିରହିଛି।

ଯୋଜନାରେ ସାମିଲ ପାଇଁ ପରିବାର ମୁଖ୍ୟ ଜଣକ ବିଧବା ହୋଇଥିବା ସହ ତାଙ୍କ ପିଲାମାନେ ଅବିବାହିତ ଥିବେ, ନଚେତ ପରିବାର ମୁଖ୍ୟ ଦିବ୍ୟାଙ୍ଗ ହୋଇଥିବେ, ପ୍ରାକୃତିକ ବିପର୍ଯ୍ୟୟରେ ପରିବାର ଲୋକଙ୍କ ଘର କ୍ଷତିଗ୍ରସ୍ତ ହୋଇଥାଇ ପ୍ରମାଣପତ୍ର ହାସଲ କରିଥିବେ, ସ୍ୱାମୀ ପରିତ୍ୟକ୍ତା ହୋଇଥିବେ, ଅତ୍ୟନ୍ତ ଗରିବ ଅର୍ଥାତ୍ ଆର୍ଥିକ ଅନଗ୍ରସର ଶ୍ରେଣୀର ଅନ୍ତର୍ଭୁକ୍ତ ହୋଇଥିବେ, ବାସଶୂନ୍ୟ ହୋଇଥିବେ ଏବଂ ଏସବୁ ବର୍ଗର ପରିବାର ଲୋକଙ୍କ କୋଠାଘର ନ ଥିବ ବୋଲି ଦର୍ଶାଯାଇଛି। ମାତ୍ର ବହୁ ଅଯୋଗ୍ୟ ବ୍ୟକ୍ତି ଯୋଜନାରେ ନିଜକୁ ସାମିଲ କରିବା ପାଇଁ ଇଚ୍ଛା ପ୍ରକାଶ କରୁଥିବାରୁ ଅଡୁଆ ପରିସ୍ଥିତି ଉପୁଜୁଛି ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଛନ୍ତି। ଏସ୍ଥିତି ଏବେ ପଞ୍ଚାୟତର ରାଜନୈତିକ ପାଣିପାଗକୁ ଉଷ୍ମ କରିଦେଉଛି। ତଦନ୍ତକୁ ନେଇ ଉପୁଜୁଥିବା ଅସୁବିଧା ପରିସ୍ଥିତିକୁ ଜନପ୍ରତିନିଧି ସମ୍ମୁଖିନ ହୋଇପାରୁନାହାନ୍ତି। ଲୋକଙ୍କ ସହ ସେମାନଙ୍କର ଉଚବାଚ ହେଉଥିବାର ଲକ୍ଷ୍ୟ କରାଯାଉଛି। ଅନ୍ୟପକ୍ଷରେ ବିଡିଓ ସତ୍ୟାନନ୍ଦ ଦାଶ ତଦନ୍ତ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ଘନଘନ ବୈଠକ ଡାକି ତଦନ୍ତ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି। ଏବେ ଦେଖିବାକୁ ଅପେକ୍ଷା ଏଥିରେ କେତେ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି। ଏ ସମ୍ପର୍କରେ ବିଡିଓଙ୍କୁ ପଚାରିବାରେ ସେ କହିଛନ୍ତି, ଅନ୍ତ୍ୟୋଦୟ ଗୃହ ଯୋଜନା ତାଲିକା ଚୂଡ଼ାନ୍ତ କରିବା ପାଇଁ କସରତ ଜାରି ରହିଛି। ତୁରନ୍ତ ତାଲିକା ପ୍ରସ୍ତୁତ କରାଯାଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ। ଏହି ଯୋଜନା ତାଲିକାରେ କେବଳ ଯୋଗ୍ୟ ପରିବାରକୁ ସାମିଲ କରାଯିବ।

## ଅନ୍ତ୍ୟୋଦୟ ଗୃହ ଯୋଜନା ସର୍ଭେ




# ବିଦ୍ୟୁତ୍ ବିଭାଗ ଅବହେଳା ପାଇଁ ଅଟକିଛି ରାସ୍ତା କାମ

**ପାଣିକୋଇଲି,୧୮।୩(ବିକାଶ ମଲ୍ଲିକ):**

୧୬ ନମ୍ବର ଜାତୀୟ ରାଜପଥର ଦାମୋଦରପୁରଠାରୁ ୨୦ ନମ୍ବର ଜାତୀୟ ରାଜପଥର ନୂଆପଦା ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲୁଛି। ମାତ୍ର ଉକ୍ତ ରାସ୍ତା ନିର୍ମାଣରେ ବାଧକ ସାଜିଛି ବିଦ୍ୟୁତ୍ ବିଭାଗ। ପାଣିକୋଇଲି ପୂର୍ତ୍ତ ବିଭାଗ ଅଧୀନ ଉକ୍ତ ରାସ୍ତାର ଅର୍ଦ୍ଧାଧିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଥିବାବେଳେ ପୂର୍ବରୁ ଥିବା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ନ ଉଠିବା ଯୋଗୁ କାମ ଅଟକିଛି। ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ତରଫରୁ ବିଦ୍ୟୁତ ବିଭାଗକୁ ବାରମ୍ବାର ଚିଠି ଲେଖାଯାଇଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ ଏ ନେଇ କୌଣସି ପଦକ୍ଷେପ ନେଉନାହିଁ। ପୂର୍ବ ରାସ୍ତା ଅପେକ୍ଷା ବର୍ତ୍ତମାନ ନିର୍ମାଣ ଚାଲିଥିବା ରାସ୍ତା ଉଚ୍ଚ ହୋଇଯାଇଥିବାରୁ ରାସ୍ତା ମଝିରେ ଏକ ସବଷ୍ଟେଶନ (୧୧କେଭି) ବିପଦକୁ ଆହ୍ୱାନ ଦେଉଛି। ଏହାସହିତ ଉପଭୋକ୍ତାଙ୍କ ଘରକୁ ଦିଆଯାଇଥିବା ବିଦ୍ୟୁତ ସଂଯୋଗ କେବୁଲ ଝୁଲି ରହିଥିବାରୁ ଏକ ବାଉଁଶ ସାହାଯ୍ୟରେ ତାହାକୁ ଉପରକୁ ଟେକାଯାଇଛି, ଯାହାକି ବାଇକ ଆରୋହୀଙ୍କ ନିମନ୍ତେ ବିପଦ ସୃଷ୍ଟି କରୁଛି। ବିଦ୍ୟୁତ୍ ବିଭାଗ ତୁରନ୍ତ ବିପଦପୂର୍ଣ୍ଣ ଥିବା ଉକ୍ତ ସବଷ୍ଟେଶନକୁ ଉପଯୁକ୍ତ ସ୍ଥାନରେ ପୁନଃସ୍ଥାପନ କରିବା ସହିତ ଝୁଲି ପଡ଼ିଥିବା ତାର ଗୁଡ଼ିକୁ ଉପରକୁ ଉଠାଇବା ଲାଗି ଜନସାଧାରଣ ଦାବି କରିଛନ୍ତି।


ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ।

# ୨ ଚୋରା ମଦ ବେପାରୀ ଗିରଫ

**ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ**

**ବରୀ,୧୮।୩(ମହେନ୍ଦ୍ର ସ୍ୱାଇଁ):**

ବରୀ-ରାମଚନ୍ଦ୍ରପୁର ଥାନା ଅଞ୍ଚଳର ବିଭିନ୍ନ ଛକ ବଜାରର ପାନଦୋକାନଠାରୁ ଆରମ୍ଭ କରି ହୋଟେଲ ଓ ଜଳଖିଆ ଦୋକାନରେ ବେଆଇନ ଭାବେ ମଦ ବିକ୍ରି ହେଉଛି। ଏନେଇ ବହୁ ଅଭିଯୋଗ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତେବେ ସୋମବାର ବରୀ ବ୍ଲକ ପରିସରରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିରରେ ବାଲିଆ ପଞ୍ଚାୟତର ମହିଳାମାନେ ବେଆଇନ ମଦ କାରବାର ଉପରେ ରୋକ ଲଗାଇବାକୁ ଅଭିଯୋଗ କରିଥିଲେ। ଏହାପରେ ରାତିରେ ପୋଲିସ ଚଢ଼ାଉ କରି ବାଲିଆ ଛକ ଓ ନିକଟବର୍ତ୍ତୀ ଅନ୍ୟ ଏକ ଦୋକାନରୁ ୮୨ ଲିଟର ବିଦେଶୀ ମଦ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ବାଲିଆ ଅଞ୍ଚଳର ରଞ୍ଜିତ ଜେନା (୩୫) ଓ ପ୍ରମୋଦ ଜେନା(୫୬) ବୋଲିସ ସୂଚନା ମିଳିଛି। ଅନ୍ୟପକ୍ଷରେ ପୋଲିସର ଜ୍ଞାତ ସାରରେ ଚୋରା ମଦ କାରବାର ଚାଲୁଥିବା ସାମାଜିକ କର୍ମୀ କୁଳମଣି ଶୁକ୍ଳ ଅଭିଯୋଗ କରିଛନ୍ତି। ସେହିପରି ଚୋରା ମଦକୁ କାରବାର ବନ୍ଦ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଅଞ୍ଚଳର ବିବେକାନନ୍ଦ ନାଥଶର୍ମା ଚେତାବନୀ ଦେଇଛନ୍ତି।

ନିକଟରେ ଉକ୍ତ ଥାନା ଅଧୀନ ସ୍ୱାଇଁଖଣ୍ଡ ପଞ୍ଚାୟତ କଳାଖଣ୍ଡ ଗ୍ରାମରେ ବେଆଇନ ମଦ ବିକ୍ରିକୁ ସ୍ଥାନୀୟ ଅଞ୍ଚଳର ମହିଳା ଓ ଯୁବକ ସଙ୍ଘର କର୍ମକର୍ତ୍ତା ବିରୋଧ କରିବାରୁ ଗଣ୍ଡଗୋଳ ହୋଇଥିଲା। ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା। ତେବେ ପୋଲିସ ଏବଂ ଅବକାରୀ ବିଭାଗ ଆଗାମୀ ଦିନରେ ଅଞ୍ଚଳର ଅଲିଆବାଦ, ହାଟସାହି, ରାଜାତୋଟା, ଧାରପୁର, ହଳଦୀବସନ୍ତ, ସେରପୁର, ଗମ୍ଭୁ, ରାମଚନ୍ଦ୍ରପୁର ଆଦି ସ୍ଥାନରେ ହେଉଥିବା ବେଆଇନ ମଦ ବିକ୍ରି ଉପରେ ରୋକ ଲଗାଇ ପାରିବେ କି ନାହିଁ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ପୋଲିସ କିମ୍ବା ଅବକାରୀ ବିଭାଗର ପ୍ରତିକ୍ରିୟା ମିଳିପାରିନାହିଁ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମଧୁମିତା


@ ପ୍ରଶାନ୍ତ



@ ରାଜକୁମାର


@ ସୋମନାଥ


@ ତୃପ୍ତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଲ୍କିରାମ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



**ଜେନାପୁର,୧୮।୩(ଅଶୋକ ଦାସ):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମରେ ଓମ୍‌ଶ୍ରୀଶ୍ରୀ କଲ୍କୀରାମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ୫ ଦିନ ଧରି ଚାଲିଥିବା ଏହି ଯଜ୍ଞରେ କଳସ ଶୋଭାଯାତ୍ରା, ସୂର୍ଯ୍ୟ ପୂଜା, ଗୋ ପୂଜା ଆଦି କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ବିଭୁକୃପା ଲାଭ କରିଥିଲେ। ଯଜ୍ଞ ଅବସରରେ ବିଭିନ୍ନ ଦିବସରେ ପାଲା, ପ୍ରବଚନ ଓ ଯାତ୍ରା ପରିବେଷଣ କରାଯାଇଥିଲା। ମୁକୁନ୍ଦପୁର ଗ୍ରାମ ପୂଜା କମିଟି ପକ୍ଷରୁ ସହଯୋଗ କରାଯାଇଥିଲା।

# ଷ୍ଟିଲ୍ ସିଟି ପ୍ରେସ କ୍ଲବ୍ ପକ୍ଷରୁ ଜଳଛତ୍ର

**କଳିଙ୍ଗନଗର,୧୮।୩(ଶୁଭାଶିଷ ରାଉତ):**

କଳିଙ୍ଗନଗରରେ କାର୍ଯ୍ୟରତ ଡିଜିଟାଲ ଓ ପ୍ରିଣ୍ଟ ମିଡିଆ ଖବରଦାତାଙ୍କ ଦ୍ୱାରା ଗଠିତ ଷ୍ଟିଲସିଟି ପ୍ରେସ କ୍ଲବ ପକ୍ଷରୁ ଦାନଗଦି ହାଟ ସମ୍ମୁଖରେ ଏକ ଜଳଛତ୍ର ଖୋଲାଯାଇଛି। ମୁଖ୍ୟ ଅତିଥି ଭାବେ ଦାନଗଦି ବିଡିଓ ପ୍ରଦୀପ କୁମାର ସେଠୀ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ଏଥିସହିତ କ୍ଲବ୍‌ର ଏହି ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଅନ୍ୟତମ ଅତିଥି ଭାବେ ମଙ୍ଗଳପୁର ସରପଞ୍ଚ ବାବୁଲି ନାଟିଆ ଯୋଗଦେଇ ମାତ୍ର ଅଳ୍ପଦିନ ହେବ ଗଢ଼ିଉଠିଥିବା ଷ୍ଟିଲ ସିଟି ପ୍ରେସକ୍ଲବ୍‌ର ଏପରି ଜନ ମଙ୍ଗଳ କାର୍ଯ୍ୟକ୍ରମକୁ ସାଧୁବାଦ ଜଣାଇଥିଲେ। ଅତିଥିଭାବେ ସ୍ଥାନୀୟ ତ୍ରିଜଙ୍ଗା ସରପଞ୍ଚଙ୍କ ପ୍ରତିନିଧି ସୁଦାମ ପାତ୍ର ଉପସ୍ଥିତ ରହି କ୍ଲବ୍ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଟିକିଏ ହସଫାଉଣ୍ଡେସନର ମୁଖ୍ୟ ବିଶ୍ୱଜିତ ମାଝୀ, ଯାଜପୁର ଯୁବ ଶ୍ରମିକ ସଂଗଠନର ସଭାପତି ସମୀର କୁମାର ଧୀର ଉପସ୍ଥିତ ରହି ସହଯୋଗ କରିଥିଲେ।




# ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**ଧର୍ମଶାଳା,୧୮।୩(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ କଣିପାଟିଆ ଗ୍ରାମର ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ରବିବାର ରାତିରେ ଗ୍ରାମର ଯୁବକମାନେ ବ୍ରାହ୍ମଣୀ ନଦୀରେ ପୂଜାର୍ଚ୍ଚନା କରିବା ସହ ଜଳ ସଂଗ୍ରହ କରି ଅଷ୍ଟପ୍ରହରୀ ମଣ୍ଡପକୁ ଆସିଥିଲେ। ମଣ୍ଡପରେ ପୂଜାର୍ଚ୍ଚନା ପରେ କଳସ ସ୍ଥାପନା କରାଯାଇ ଦ୍ୱୀପ ପ୍ରଜ୍ୱଳନ କରାଯାଇଥିଲା। ସୋମବାର ଗ୍ରାମର ଯୁବତୀଯୁବକମାନେ ହରିନାମ ଜପକରି କୀର୍ତ୍ତନ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର କୀର୍ତ୍ତନମଣ୍ଡଳୀମାନେ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ମଙ୍ଗଳବାର ଅପରାହ୍ନ ୨ଟାରେ ନଗରକୀର୍ତ୍ତନ ଗ୍ରାମ ପରିକ୍ରମା କରିଥିଲା। ନଗରକୀର୍ତ୍ତନ ମଣ୍ଡପକୁ ଫେରିଆସିବା ପରେ ଦଧିହାଣ୍ଡି ଭଙ୍ଗାଯାଇଥିଲା। ପରେ କଳସ ବିସର୍ଜନ କରାଯାଇଥିଲା। ଏଥିରେ ଗ୍ରାମର ଯୁବକ ଓ ମହିଳାମାନେ ସହଯୋଗ କରଥିଲେ।


କଣିପାଟିଆ ଗ୍ରାମରେ ଯୁବକମାନେ ନାମ ସଂକୀର୍ତ୍ତନ କରୁଛନ୍ତି।

# ବାଙ୍ଗରାରେ ହୋଲି ମହୋତ୍ସବ

**ସିଂହପୁର,୧୮।୩(ଅନଙ୍ଗ ଉଦୟ ବେଉରିଆ):**

ଯାଜପୁର ଜିଲା ବିଂଝାରପୁର ବ୍ଲକ ବାଙ୍ଗରା ପଞ୍ଚାୟତ ବିଲସାହି ଗ୍ରାମରେ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର ହୋଲି ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ହାବଳଗଣ୍ଡ ପାଟଣା ବିକେବି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା କେନ୍ଦ୍ରାପଡ଼ା ଜିଲା ଓଷ୍ଟା ଶିକ୍ଷକ ସଂଘର ଉପସଭାପତି ସଞ୍ଜୟ କୁମାର ସାମଲ, ସିଂହଗାଁ ଧାନଖାଇ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନମିତା ସାମଲ, ବିକେବି ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ରୋଜି ବେହେରା, ପ୍ରଜ୍ଞାରାଣୀ ଦାସ, ବ୍ରହ୍ମକୁମାରୀ ଉତ୍କଳ ଭାଇ, ଚନ୍ଦନ ଭାଇ, କେନ୍ଦ୍ର ସଞ୍ଚାଳିକା ବ୍ରହ୍ମକୁମାରୀ ନିରୁପମା ପ୍ରମୁଖ ରଙ୍ଗର ପର୍ବ ହୋଲିକୁ ମହାସମାରୋହରେ ପାଳନ କରିଥିଲେ। ଅତିଥିମାନେ ହୋଲି ପର୍ବର ବିଭିନ୍ନ ଦିଗ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ହୋଲି ଉତ୍ସବରେ ସାମିଲ ହୋଇଥିବା ଅତିଥି।

# ଧର୍ମଶାଳା ମୁନ୍‌ସି ମେଳଣ ଉଦ୍‌ଯାପିତ

**ଧର୍ମଶାଳା,୧୮।୩(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ହାଟପଡ଼ିଆରେ ୧୪୯ତମ ଐତିହାସିକ ମୁନ୍‌ସୀ ମେଳଣ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୩୨ ବଡ଼ ଓ ୫୦ ଛୋଟ ବିମାନ ସାମିଲ ହୋଲି ଖେଳିଥିଲେ। ସୋମବାର ସନ୍ଧ୍ୟାରୁ ଏହି ମେଳଣ ଆରମ୍ଭ ହୋଇଥିଲା। ଏଥିପାଇଁ ଧର୍ମଶାଳା ଥାନା ପକ୍ଷରୁ ବିଭିନ୍ନ ବର୍ଗର ଲୋକଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଚୋରମୁହାଁ ଥାନପତି ବିମାନ ରୋଶଣି କରି ବିଭିନ୍ନ ସ୍ଥାନରେ ଭୋଗ ପାଇବା ପରେ ଭୋର ସମୟରେ ଆସି ଥାନପତି ଚାରାରେ ବିରାଜମାନ ହୋଇଥିଲେ। ଚଳିତ ବର୍ଷ ଅଶ୍ଳୀଳ ଗୀତ ଓ ନୃତ୍ୟକୁ କମିଟି ପକ୍ଷରୁ ବାରଣ କରାଯାଇଥିବାରୁ ବିମାନଗୁଡ଼ିକ ସଂକୀର୍ତ୍ତନ, ଢୋଲ ବାଜା ଓ ଘୋଡ଼ାନାଚ ଆଦି ନୃତ୍ୟ ପ୍ରଦର୍ଶନ କରି ଆସିଥିଲେ। ମେଳଣ କମିଟି ସଭାପତି ତଥା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସମସ୍ତ ବିମାନକୁ ଭୋଗ ଲଗାଇଥିଲେ। ଧର୍ମଶାଳା ଥାନା ପକ୍ଷରୁ ମେଳଣ ଆୟୋଜନ ହେଉଥିବାରୁ ଏହି ଦିନ ପୋଲିସ କର୍ମଚାରୀ ସାଧାରଣ ଲୋକଙ୍କ ସହ ମିଶି ହୋଲି ଖେଳିଥିଲେ। ମେଳଣ କମିଟିର ଆଜୀବନ ସମ୍ପାଦକ ବୃନ୍ଦାବନ ଶତପଥୀଙ୍କ ହାଟପଡିଆସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ମେଳଣରେ ଡିହସାହି, ହରିପୁର, ଠାକୁରମଠ, କୋଳଥଳ, ଓରାଳି, ନୂଆମିର୍ଜାପୁର, କୁଣ୍ଡପାଟଣା, ଗୋପାଳପୁର, ଚକ ଗୋପାଳପୁର, ଚହଟା ଗୋପୀନାଥ, ଚହଟା ବୃନ୍ଦବନ ବିହାରୀ, ବାଲିଗରି, ନରସିଂହପୁର, ବଡ଼ଚଣାବାରି, ବଣ୍ଟରା, ଅଚ୍ୟୁତପୁର, ଅଭୟପୁର, ନିଳାଦେଇପୁର, ଦକ୍ଷିଣଶାସନ, ଦୁବଗାଡ଼ିଆ, ନାଉପାଳ, ଶ୍ରୀବନ୍ତପୁର, କୋହ୍ଲା, ବାଟିଜଙ୍ଗା ଓ ଦୌଲପୁର ରାଣୀବନ୍ଧୀ ଆଦି ୩୨ ବଡ଼ ବିମାନ ଯୋଗଦେଇଥିଲେ।

ହାଟପଡ଼ିଆରେ ବିଭିନ୍ନ କିସମର ଦୋକାନୀ ପସରା ମେଲାଇଥିଲେ। ବିଭିନ୍ନ ସ୍ଥାନରୁ ହଜାରହଜାର ସଂଖ୍ୟାରେ ଲୋକେ ଆସି ବିମାନରେ ବିରାଜମାନ ରାଧାକୃଷ୍ଣଙ୍କ ଦର୍ଶନ କରିବା ସହ ମେଳାରେ ବୁଲି ଘରକରଣା ସାମଗ୍ରୀ କିଣାକିଣି କରିଥିଲେ। ଶାନ୍ତିଶୃଙ୍ଖଳା ପାଇଁ କମିଟି ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। କମିଟି କାର୍ଯ୍ୟକାରୀ ସଭାପତି ଜଳଧର ମହାନ୍ତି, ସମ୍ପାଦକ ପ୍ରମୋଦ ଦାସ, ସହସମ୍ପାଦକ ଶରତ କୁମାର ଓଝା, ସାଂସ୍କୃତିକ ସମ୍ପାଦକ ପ୍ରମୋଦ ପାତ୍ର, କୋଷାଧ୍ୟକ୍ଷ ମନୋଜ କୁମାର ରାଉଳ, ସଭ୍ୟ ସୁଜିତ୍ ମହାରଣା, ଗଙ୍ଗାଧର ମହାରଣା, ନୃସିଂହ ଚରଣ ମହାନ୍ତି, ରବୀନ୍ଦ୍ର ମହାନ୍ତି, ଦେବରାଜ ମିଶ୍ର, ସବ୍ୟସାଚୀ ସୁନ୍ଦରରାୟ, ଜଗଦୀଶ ମହାନ୍ତି, ରାଜେଶ ପାଳ ପ୍ରମୁଖ ଉପସ୍ଥିତ ରହି ମେଳଣ ପରିଚାଳନା କରିଥିଲେ। ଚାରାରେ ବିରାଜମାନ ରାଧାକୃଷ୍ଣଙ୍କ ବିମାନ ନିକଟରେ କମିଟି ସଦସ୍ୟ ପହଞ୍ଚି ଠାକୁରଙ୍କୁ ଭୋଗ ଦେଇ ବିଦାୟ ଦେଇଥିଲେ।


ହୋଲି ଖେଳି ଠାକୁରମାନେ ଚାରାରେ ବସିଛନ୍ତି।

**ଶ୍ରୀକାନ୍ତଙ୍କ ମୃତ୍ୟୁ, ମଲ୍ଲୀସାହାଡ଼ା ଗୋଷ୍ଠୀ ସଂଘର୍ଷ ଘଟଣାର ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ**

ରାଜକନିକା,(ସଞ୍ଜୟ କୁମାର ଦାଶ): ରାଜକନିକା ଥାନା ଖଣ୍ଡେଇତା ଗାଁର ଶ୍ରୀକାନ୍ତ ମୃତ୍ୟୁ ଘଟଣାର ନ୍ୟାୟ ଦାବିରେ ସୋମବାର ଥାନାକୁ ଗ୍ରାମବାସୀଙ୍କ ଧସେଇ ପଶିଥିଲେ । ଏହି ଘଟଣାକୁ ପୋଲିସ ଗୁରୁତର ସହ ନେଇଛି । ପୋଲିସ ପ୍ରତିଶ୍ରୁତି ପରେ ମଙ୍ଗଳବାର ସାଇଣ୍ଟିଫିକ୍ ଟିମ ପହଞ୍ଚି ସମ୍ପୃକ୍ତ ପାଣି ଯୋଗାଣ ସଂସ୍ଥା ଓ ଯେଉଁ ଗାଡ଼ିରୁ ମୃତକ ଖସି ପଡ଼ିଥିବା କୁହାଯାଉଛି ତା'ର ତଦନ୍ତ କରିଛି । ସୋମବାର ଆଳି ପୋଲିସ ପକ୍ଷରୁ ସମ୍ପୃକ୍ତ ଗାଡ଼ିକୁ ଜବତ କରିବା ପରେ ଛାନଭିନ୍ ଆରମ୍ଭ ହୋଇଛି । ସେହିପରି ରବିବାର ମଲ୍ଲୀସାହାଡ଼ା ଗାଁରେ ପିଲାକଳିକୁ କେନ୍ଦ୍ରକରି ହୋଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ମଧ୍ୟ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି ।

## ସଂକ୍ଷେପରେ

### ମହିମା ଧର୍ମାବଲମ୍ବୀଙ୍କ ଅଖଣ୍ଡ ବ୍ରହ୍ମଧ୍ୱନି ଯଜ୍ଞ

ରାଜନଗର,୧୮।୩(ଭାସ୍କର ରାଉତରାୟ)

ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଓଉପଦା ପଞ୍ଚାୟତ ଜୁନୁପଙ୍ଗା ଗ୍ରାମରେ ମହିମା ଧର୍ମାବଲମ୍ବୀଙ୍କ ଦ୍ୱାରା ଅଖଣ୍ଡ ବ୍ରହ୍ମଧ୍ୱନି ବ୍ରହ୍ମଯଜ୍ଞ ଓ ପ୍ରବଚନ ସଭା ଅନୁଷ୍ଠିତ ହୋଇଯାଇଛି । ଚଳିତ ମାସ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଏହି ଆଧ୍ୟାତ୍ମିକ ଉତ୍ସବ କରାଯାଇଥିଲା । ସନ୍ଥ ବାମନ ବାବାଙ୍କ ଦ୍ୱାରା ସ୍ଥାପିତ ବ୍ରହ୍ମଧ୍ୱନି ଯଜ୍ଞକୁ ସ୍ମରଣ ରଖିବା ପାଇଁ ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଖଣ୍ଡ ବ୍ରହ୍ମଧ୍ୱନି ବ୍ରହ୍ମଯଜ୍ଞ କରାଯାଉଛି । ଚଳିତବର୍ଷ ଏହି ବାର୍ଷିକ ବ୍ରହ୍ମଯଜ୍ଞ ବ୍ରହ୍ମଧ୍ୱନିରେ ବ୍ରହ୍ମାବଧୂତ ଅଭୟ ବାବା, ଗଦାଧର ବାବା, ଶଙ୍କର ବାବା, ଦୁଷ୍ମନ୍ତ ବାବା, ଅନ୍ତର୍ଯ୍ୟାମୀ ବାବା, ପରିକ୍ଷିତ ବାବା, ତପନ ବାବା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଧର୍ମସଭା, ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଡାକ୍ତର ଗୋବିନ୍ଦ ଚନ୍ଦ୍ର ଦାସ ଏବଂ ଜୁଣପଙ୍ଗା ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

### ପଞ୍ଚାୟତସ୍ତରୀୟ ମେଧାବୃତ୍ତି ସ୍ମୃତି ସମ୍ମାନ

ରାଜକନିକା,୧୮।୩(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ କୋରନ୍ଦ ପଞ୍ଚାୟତ ଓଡିଗିରିଆ ଗାଁର ଆଦର୍ଶ ଶିକ୍ଷକ ରାଜକିଶୋର ନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ପଞ୍ଚାୟତସ୍ତରୀୟ ମେଧାବୃତ୍ତି ସ୍ମୃତି ସମ୍ମାନ ଉତ୍ସବ ବାଂଶରୀଆସ୍ଥିତ ଅଯୋଧ୍ୟା ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ଦିଲୀପ କୁମାର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଗିରିଆ ଉଚ୍ଚ ବିଦ୍ୟାଳୟର ଜସ୍ମିନ ମଲ୍ଲିକ ଓ ଅଯୋଧ୍ୟା ବିଦ୍ୟାପୀଠର ବିଜୟାଲକ୍ଷ୍ମୀ ତରାଇ ସର୍ବୋଚ୍ଚ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବାରୁ ତାଙ୍କୁ ରାଜୁସାର ସ୍ମୃତି ମେଧା ସମ୍ମାନରେ ସମ୍ମାନିତ କରାଯାଇଛି । ଏହି ଉତ୍ସବରେ ଉଭୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁକଦେବ ପ୍ରଧାନ, ପ୍ରଭାତ ରଞ୍ଜନ ବାରିକ, ରାଜକନିକା ଓଷ୍ଟାର ସମ୍ପାଦକ ଅରବିନ୍ଦ ନାୟକ, ପୂର୍ବତନ ସମ୍ପାଦକ ନବକିଶୋର ସୁତାର, ସତ୍ୟହରି ସ୍ମୃତିକମିଟିର ସଭାପତି, ଏକା ନୁହନ୍ତି ଆପଣ ଓଡ଼ିଶା ପରିବାର ରାଜକନିକା ଶାଖାର ସମ୍ପାଦିକା ନିରୁପମା ରାଉତ ପ୍ରମୁଖଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

### ଆଳି ଥାନାରେ ଯୋଗଦେଲେ ନୂତନ ଆଇଆଇସି

ଆଳି, ୧୮।୩ (ବନମାଳୀ ସେନାପତି)

ଆଳି ଥାନାରେ ଦୀର୍ଘଦିନ ହେବ ଆଇଆଇସି ପଦବୀ ଖାଲି ପଡ଼ିଥିବାବେଳେ ସୋମବାର ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ ନୂତନ ଆଇଆଇସି ଭାବେ ଯୋଗଦାନ କରିଛନ୍ତି । ମାର୍ଶାଘାଇ ଥାନାର ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତଙ୍କ ଆଳି ଥାନାକୁ ବଦଳି ହୋଇଛି । ସେ ଥାନାରେ ପହଞ୍ଚି ଦାୟିତ୍ୱ ନେଇଛନ୍ତି । ଆଇଆଇସି ପଟ୍ଟାୟତଙ୍କୁ ଥାନାର ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ଆଳି ଅଞ୍ଚଳର ସାଧାରଣ ଲୋକମାନେ କିପରି ଥାନାରୁ ଉଚିତ ନ୍ୟାୟ ପାଇବେ, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର ଆଣିବାକୁ ସେ ଚେଷ୍ଟା କରିବେ ବୋଲି କହିଛନ୍ତି ।

### ସାମାଜିକ କର୍ମୀ ମୁକ୍ତିକାନ୍ତଙ୍କ ସ୍ମୃତିଚାରଣ ସଭା

ଆଳି,୧୮।୩ (ବନମାଳୀ ସେନାପତି)

ଆଳି ବ୍ଲକର ଯୁବ ସାମାଜିକ କର୍ମୀ ରାଣୀପୋଖରୀ ଗ୍ରାମର ମୁକ୍ତିକାନ୍ତ ଦାସଙ୍କ ସ୍ମୃତିଚାରଣ ସଭା ତାଙ୍କ ବାସଭବନରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଆଳି ଯାଦବ ସମିତି ସଭାପତି ଶେଖର ବାରିକଙ୍କ ସଭାପତିତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ଯାଦବ ଉପସଭାପତି ମନୋଜ ପରିଡା, ଯୁବ ଯାଦବ ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ଦାସ, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ରମାକାନ୍ତ ସାହୁ, ଶ୍ରୀନିବାସ ପ୍ରଧାନ, ଆଳି ନାଗରିକ ମଞ୍ଚ ସଭାପତି ଧନେଶ୍ୱର ରାଉତ, ଆଳି ଯାଦବ ସମିତି ସମ୍ପାଦକ ଧରଣୀଧର ବେହେରା, ମଧୁସୂଦନ ଦାସ, ପ୍ରେମ କୁମାର ପାତ୍ର, କେନ୍ଦ୍ରାପଡ଼ା ଯୁବ ଯାଦବ ସଭାପତି ମନୋଜ କୁମାର ଦାସ, ସରୋଜିନୀ ମହାନ୍ତି, ବାଲକାଟୀ ସରପଞ୍ଚ ପ୍ରତିନିଧି ନବ କିଶୋର ପରିଡା, ସମିତିସଭ୍ୟ ବିପିନ ବିହାରୀ ସାହୁ ପ୍ରମୁଖ ଯୋଗଦେଇଥିଲେ । ସେମାନେ ମୁକ୍ତିକାନ୍ତ କରିଯାଇଥିବା ସାମାଜିକ କାର୍ଯ୍ୟକୁ ମନେ ପକାଇଥିଲେ । ପରେ ସେମାନେ ତାଙ୍କର ସ୍ମୃତିଚାରଣ କରିଥିଲେ ।

# ପାଣି ପାଇଁ ପକ୍ଷୀଠୁ ବନ୍ୟପ୍ରାଣୀ ଉହଳବିକଳ

ମହାକାଳପଡ଼ା,୧୮।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଜମ୍ବୁ-ମାର୍ଶାଘାଇ ମୁଖ୍ୟ ବ୍ରିଟିଶ୍ କେନାଲ ପାର୍ଶ୍ୱ ବନ୍ଧ ଖାଲ ପାଟରେ ଦେଶୀୟ ପକ୍ଷୀ ଖାଦ୍ୟ ଓ ଶୋଷ ମେଣ୍ଟାଉଛନ୍ତି ।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ପ୍ରବଳ ଗରମ ଅନୁଭୂତ ହେବା ଯୋଗୁ ପିଇବା ପାଣି ସମସ୍ୟା ସୃଷ୍ଟି ହେଉଛି । ବ୍ଲକର ମହାନଦୀ, ଲୁଣା ନଦୀ କୂଳିଆ ଅଞ୍ଚଳର ଲୋକ ଓ ପକ୍ଷୀଠାରୁ ବନ୍ୟ ପ୍ରାଣୀ ପିଇବା ପାଣି ମୁନ୍ଦେ ପାଇଁ ଉହଳ ବିକଳ ହେଉଛନ୍ତି ।

ବ୍ଲକର ଲୁଣା ନଦୀ ସଂଲଗ୍ନ ମଙ୍ଗଳପୁର, ବରକନ୍ଧା ପଞ୍ଚାୟତରେ ଗଭୀର ନଳକୂପରୁ ଲୁଣି ପାଣି ବାହାରୁଛି । ଏହି ୨ ପଞ୍ଚାୟତକୁ ଦୈନିକ ୫୦ ହଜାର ଲିଟର ପାଣି ଟ୍ୟାଙ୍କର ଯୋଗେ ୧୦ ହଜାର ଲୋକଙ୍କୁ ଯୋଗାଯାଉଥିଲେ ହେଁ ଏହା ସମୁଦ୍ରକୁ ଶଙ୍ଖେ ବୋଲି ଗ୍ରାମବାସୀ କହିଛନ୍ତି । ସେହିପରି ଜଳଜୀବନ ମିଶନ, ବସୁଧା ଯୋଜନାରେ ବ୍ଲକର ବଟିଘର, ଜମ୍ବୁ, ସୁନିତି, ନାଞ୍ଚୁରା ପଞ୍ଚାୟତରେ ୧୮ଟି ଉଚ୍ଚ ପାଣି ଟାଙ୍କି ନିର୍ମାଣ ହୋଇଛି । ୬୨ଟି ସୋଲାର ୱାଟର ପଏଣ୍ଟ ରହିଥିବାବେଳେ ସେଥିମଧ୍ୟରୁ ୧୦ ଅଚଳ ଯୋଗୁ ପାଣି ସମସ୍ୟା ଦେଖାଦେଇଛି । ବ୍ଲକର ୩୧ ପଞ୍ଚାୟତରେ ୨,୧୭୬ ନଳକୂପ କାର୍ଯ୍ୟକ୍ଷମ ଥିଲା । ସେଥିମଧ୍ୟରୁ କିଛି ନଳକୂପରୁ ହଳଦିଆ, ଲୌହ ମିଶ୍ରିତ ଲୁଣି ପାଣି ବାହାରୁଛି । ସେହିପରି ବ୍ଲକର ଯଦୁପୁର କଳାଗଡ଼ଠାରେ ମେଗା ପାନୀୟ ଜଳ ପ୍ରକଳ୍ପରୁ ୧୧ ପଞ୍ଚାୟତରୁ କରଞ୍ଜି ଓ ଅମେଇପାଳକୁ ଛାଡ଼ି ଦେଲେ ୯ଟି ପଞ୍ଚାୟତର ୩୨ ଗ୍ରାମକୁ ପିଇବା ପାଣି ପହଞ୍ଚିଛି ବୋଲି ବ୍ଲକ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ସୁବ୍ରତ କୁମାର ସାହୁ କହିଛନ୍ତି । ବ୍ଲକର ଅନ୍ୟ ଅଞ୍ଚଳରେ ମେଗା ପାନୀୟ ଜଳ ପ୍ରକଳ୍ପରୁ ପାଣି ଯୋଗାଣକୁ ନେଇ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଏହି ମେଗା ପାନୀୟ ଜଳ ପ୍ରକଳ୍ପରୁ କେବେ ବ୍ଲକ ମୁଖ୍ୟ ସଦର ମହକୁମାକୁ ପିଇବା ପାଣି ଯୋଗାଣ ହେବ ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି । ଅପରପକ୍ଷେ ବ୍ଲକର ବିଭିନ୍ନ ସମ୍ବେଦନଶୀଳ ଫେରିଘାଟରେ ପଥଚାରୀଙ୍କ ପାଇଁ ଜଳଛତ୍ର ଖୋଲିନାହିଁ । ବଜାର, ଘାଟ, ଛକ, ଯାତ୍ରୀ ଆଶ୍ରୟସ୍ଥଳଗୁଡ଼ିକରେ ଜଳଛତ୍ର ଖୋଲିବାକୁ ବ୍ୟବସ୍ଥା ଥିଲେ ମଧ୍ୟ ଖୋଲାଯାଇ ନ ଥିବାରୁ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି । ଅପରପକ୍ଷରେ ଜମ୍ବୁ-ମାର୍ଶାଘାଇ ମୁଖ୍ୟ ବ୍ରିଟିଶ୍ କେନାଲରେ ପାଣି ନ ଥିବାରୁ ବନ୍ଧ ପାର୍ଶ୍ୱ ଯୋରି, ଖାଲ ପାଟ, ଗାଡ଼ିଆ, ପୋଖରୀ ଶୁଖିଲା ପଡ଼ିଛି । ଦେଶୀୟ ପକ୍ଷୀ, ଗୃହପାଳିତ ପ୍ରାଣୀ ପାଣି ମୁନ୍ଦେ ପାଇଁ ଉହଳ ବିକଳ ହେଉଛନ୍ତି ।

ସେହିପରି ଉପକୂଳ ଅଞ୍ଚଳ ସଂରକ୍ଷିତ ଜଙ୍ଗଲରେ ଚୁଆ ଖୋଳା ନ ଯିବାରୁ ବାରହା, ହରିଣ ଓ ଅନ୍ୟ ବନ୍ୟଜନ୍ତୁମାନେ ଜନବସତି ମୁହାଁ ହେଉଛନ୍ତି । ଏମାନଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ପରିବେଶବିତ୍ ସମରେନ୍ଦ୍ର ମାହାଳି କହିଛନ୍ତି । ପୂର୍ବ ସପ୍ତାହରେ ଏକ ମୃତ ହରିଣ ଭାସି ଯାଉଥିବାବେଳେ ମହାନଦୀରୁ ସ୍ଥାନୀୟ ଲୋକ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ । ସେହିପରି ରବିବାର ମଧ୍ୟାହ୍ନରେ ଏକ ହରିଣ ୨୭ ନଂ. ଶାଖା କେନାଲର କିଆବାରିଆଠାରେ ମଧୁର ପାଣି ପିଇବାକୁ ଆସିଥିବା ଲୁଣା ଘେରି ଗ୍ରାମର ସୁଶାନ୍ତ ମଣ୍ଡଳ ଦେଖିଥିଲେ ବୋଲି କହିଛନ୍ତି । ଉପକୂଳ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବାରୁ ବନ୍ୟ ଜନ୍ତୁ, ଗୃହ ପାଳିତ ପ୍ରାଣୀ ଓ ଦେଶୀୟ ପକ୍ଷୀମାନେ ପାଣି ଟୋପେ ପାଇଁ ଖାଲ ପାଟରେ ଶୁଖି ଯାଇଥିବା ଅଳ୍ପ ପାଣିରେ ପଶି ଶୋଷ ମେଣ୍ଟାଉଥିବା ଦେଖିବାକୁ ମିଳୁଛି । ଏ ସମ୍ପର୍କରେ ମହାକାଳପଡ଼ା ବନାଞ୍ଚଳ ରେଞ୍ଜ ଅଧିକାରୀ ଶାନ୍ତନୁ କୁମାର ଦଳାଇଙ୍କୁ ପଚାରିବାରେ ସଂରକ୍ଷିତ ଜଙ୍ଗଲରେ କିଛି ବର୍ଷ ପୂର୍ବରୁ ଚୁଆ ଖୋଳା ହୋଇଥିଲା । ଅଦ୍ୟାବଧି ଚୁଆ ଖୋଳିବା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦିଆଯାଇଛି ବୋଲି ସେ କହିଛନ୍ତି । ଏ ସଂକ୍ରାନ୍ତରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ପଚାରିବାରେ ୪ଦିନ ପୂର୍ବେ ବ୍ଲକରେ ବୈଠକ କରାଯାଇ ଯୁଦ୍ଧକାଳୀନ ଭିତ୍ତିରେ ଜଳଛତ୍ର ଖୋଲିବାକୁ ୩୧ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି ।

**ପ୍ରଶାସନ ପକ୍ଷରୁ ଖୋଲୁନି ଜଳଛତ୍ର କି ଚୁଆ**





ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମଧୁମିତା



@ ପ୍ରଶାନ୍ତ



@ ରାଜକୁମାର



@ ସୋମନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ ।


# ଜମିବାଡ଼ି ବିବାଦରୁ ୨ ପରିବାର ମଧ୍ୟରେ ହଣାକଟା, ୩ ଆହତ

ରାଜକନିକା,୧୮।୩(ସଞ୍ଜୟ କୁମାର ଦାଶ)



ନରେନ୍ ଅବୟନ୍ତୀ ସୁଚିତ୍ରା

ରାଜକନିକା ଥାନା ଚରପଡ଼ା ପଞ୍ଚାୟତ କଣ୍ଡିଆହାଟ ଗାଁରେ ଜମିବାଡ଼ ବିବାଦକୁ କେନ୍ଦ୍ରକରି ମଙ୍ଗଳବାର ସନ୍ଧ୍ୟାରେ ୨ ପରିବାର ମଧ୍ୟରେ ଗଣ୍ଡଗୋଳରୁ ହଣାକଟା ଘଟିଛି । ଗୋଟିଏ ପରିବାର ୨ ଝିଅ ସହ ବାପା ଗୁରୁତର ହୋଇଛନ୍ତି । ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

କଣ୍ଡିଆହାଟ ଗାଁର ନରେନ୍ ଦାସ ଓ ଆରତି ସେଠୀଙ୍କ ପରିବାର ମଧ୍ୟରେ ବହୁଦିନ ହେବ ଜମିବାଡିକୁ ନେଇ ବିବାଦ ଲାଗି ରହିଥିଲା । ମଙ୍ଗଳବାର ନରେନଙ୍କ ଝିଅ କୁକୁରକୁ ଗୋଡାଉଥିବା ବେଳେ ଆରତିଙ୍କ ପରିବାର ଲୋକେ ଟାହି କରିଥିଲେ । ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଏହି ଘଟଣାକୁ ନେଇ ସନ୍ଧ୍ୟାରେ ନରେନ୍ ଦାସ, ଝିଅ ଅବୟନ୍ତୀ, ସୁଚିତ୍ରା ଘରେ ଥିବାବେଳେ ଆରତି ସେଠୀଙ୍କ ପରିବାର ପକ୍ଷରୁ ୩ ଜଣ ତାଙ୍କ ଘରକୁ ଅତର୍କିତ ଭାବେ ପଶିଥିଲେ । ପରେ ସେମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରଣାସ୍ତ୍ର ଶାବଳ ଓ କୁରାଢିରେ ଆକ୍ରମଣ କରିଥିବା ନେଇ ନରେନଙ୍କ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଛି । ଆକ୍ରମଣରେ ନରେନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ମୁଣ୍ଡଫାଟି ଯାଇଥିବା ବେଳେ, ବାମଗୋଡ଼ ଭାଙ୍ଗି ଯାଇଛି । ନରେନ୍ ଜଣେ ହୃଦ୍‌ରୋଗୀ ହୋଇଥିବା ବେଳେ, କିଛିଦିନ ପୂର୍ବେ ତାଙ୍କର ହାର୍ଟ ସର୍ଜରୀ ହୋଇଥିବା ସେ କହିଛନ୍ତ । ଅନ୍ୟପକ୍ଷେ ଝିଅ ଅବୟନ୍ତୀ ୭ ମାସର ଗର୍ଭବତୀ ଥିବାବେଳେ, ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି । ୩ ଜଣଙ୍କର ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ନରେନଙ୍କ ପରିବାର ଅଭିଯୋଗକ୍ରମେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି । ଏନେଇ ଥାନାରେ ନଂ. ୧୬୪/୨୫ରେ ମାମଲା ରୁଜୁ ହୋଇଥିବା ଆଇଆଇସି ସଞ୍ଜୟ କୁମାର ମଲ୍ଲିକ କହିଛନ୍ତି ।

# ୨ ବଖରା ଜଳିଗଲା

କେନ୍ଦ୍ରାପଡ଼ା, ୧୮।୩(ଜଗନ୍ନାଥ ଧଳ)

ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମର ହୃଷୀକେଶ ସେଠୀଙ୍କ ୨ ବଖରା ରବିବାର ରାତିରେ ପୋଡ଼ି ପାଉଁଶ ହୋଇଯାଇଛି । ଶୋଇଥିବା ଅବସ୍ଥାରେ ନିଆଁ ଲାଗିବାରୁ ଘରୁ କୌଣସି ଆସବାବପତ୍ର ଉଦ୍ଧାର କରିପାରି ନ ଥିଲେ । ଖବରପାଇ ଡେରାବିଶ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ବିଦ୍ୟୁତ ଶର୍ଟସର୍କିଟରୁ ଏଭଳି ଘଟିଥିବା ଅନୁମାନ କରାଯାଉଛି । ହୃଷୀକେଶ ଜଣେ ଗରିବ ପରିବାରର ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ରାଧାକୃଷ୍ଣଙ୍କ ଆଗରେ ଗୋପାଳଙ୍କ ଲଉଡ଼ିଖେଳ

ପାଟକୁରା,୧୮।୩(ରବୀନ୍ଦ୍ର ନାଥ ବାରିକ)



ଗୋପାଳ ବାଳକମାନେ ପୂଜାମଣ୍ଡପ ନିକଟରେ ଲଉଡ଼ି ଖେଳୁଛନ୍ତି ।

ଗରଦପୁର ବ୍ଲକ ବେଡାରୀ ଗ୍ରାମରେ ଦୋଳ ପୂର୍ଣ୍ଣିମାଠାରୁ ରାଧାକୃଷ୍ଣ ମେଳଣ ଅନୁଷ୍ଠିତ ହେଉଛି । ବେଡାରୀ ଗ୍ରାମରେ ଥିବା ୬୦ଟି ଗୋପାଳ ପରିବାରର ସଦସ୍ୟମାନେ ରାଧାମାଧବ ପୂଜା କମିଟି ଗଠନ କରି ମେଳଣ ଗତବର୍ଷଠାରୁ ଆରମ୍ଭ କରିଛନ୍ତି । ବେଡାରୀ ବଜ୍ରମହାକାଳୀ ମଣ୍ଡପ ନିକଟରେ ରାଧାକୃଷ୍ଣଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ମଣ୍ଡପରେ ପୂଜା ପାଉଥିଲେ । ଦୈନିକ ସକାଳେ, ମଧ୍ୟାହ୍ନରେ ଓ ରାତିରେ ଠାକୁରଙ୍କ ପୂଜା ନୀତିନିୟମ ଅନୁଯାୟୀ ହେଉଛି । ଦୈନିକ ସନ୍ଧ୍ୟାରେ ଭଜନ କୀର୍ତ୍ତନ, ଲଉଡ଼ି ଖେଳ ହେଉଛି । ଆଖପାଖ ଗ୍ରାମରୁ ଶ୍ରଦ୍ଧାଳୁମାନେ ଠାକୁରଙ୍କ ଦର୍ଶନ କରିବାକୁ ଏଠାକୁ ଆସି ଲଉଡ଼ି ଖେଳ ଦେଖୁଛନ୍ତି । ସୋମବାର ଜଗତ୍‌ସିଂହପୁରରୁ ୨ ଦଳ ଓ ବେଡାରୀ ଗ୍ରାମରୁ ଗୋଟିଏ ଦଳ ଲଉଡ଼ି ଖେଳିଥିଲେ । ଏଥିପାଇଁ ଆୟୋଜକମାନେ ସମସ୍ତ ବ୍ୟବସ୍ଥା କରିଥିଲେ । ୩ଟି ଦଳ ଲଉଡ଼ି ଖେଳିବା ପରେ ବିଳମ୍ବିତ ରାତିରେ ଠାକୁରଙ୍କ ବିସର୍ଜନ କରାଯାଇଥିଲା । ଗ୍ରାମର ସୁରେଶ ଚନ୍ଦ୍ର ଦାସ, ଗୋପବନ୍ଧୁ ଦାସ, ଅରକ୍ଷିତ ବେହେରା, ନୃସିଂହ ବେହେରା, ଅଗଣୀ ଦାସ, ଗଙ୍ଗାଧର ଦାସ, ମହେଶ୍ୱର ଦାସ ପ୍ରମୁଖ ରାଧାକୃଷ୍ଣଙ୍କ ମେଳଣ କାର୍ଯ୍ୟ ପରିଚାଳନା କରୁଛନ୍ତି ବୋଲି ମାନସ ଦାସ ସୂଚନା ଦେଇଛନ୍ତି ।

# ବରିଷ୍ଠ ନାଗରିକଙ୍କ ଅଯୋଧ୍ୟା ଯାତ୍ରା

କେନ୍ଦ୍ରାପଡ଼ା, ୧୮।୩(ଜଗନ୍ନାଥ ଧଳ)

ଓଡ଼ିଶା ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯୋଜନାରେ କେନ୍ଦ୍ରାପଡ଼ା ଜିଲାର ୧୦୫ ଜଣ ସାମିଲ ହୋଇଛନ୍ତି । ସେମାନେ ମଙ୍ଗଳବାର ଅପରାହ୍ନରେ ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ବସ୍‌ଯାତ୍ରାରେ ସାମିଲ ହୋଇଛନ୍ତି । ଏ ସମ୍ପର୍କରେ ଏହି ତୀର୍ଥଯାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିବା ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର କହିଛନ୍ତି, ରାଜ୍ୟ ସରକାରଙ୍କ ଏହି ଯୋଜନା ବହୁ ବରିଷ୍ଠ ଜିଲାବାସୀଙ୍କ ପାଇଁ ଶୁଭପ୍ରଦ ହୋଇଛି । ତୀର୍ଥଯାତ୍ରୀମାନେ ଅଯୋଧ୍ୟା ଯିବେ । ଏମାନଙ୍କ ମଧ୍ୟରେ ୨୭ ବରିଷ୍ଠ ଦମ୍ପତି ଥିବାବେଳେ ୫୧ ଜଣ ବରିଷ୍ଠ ନାଗରିକ ଅଛନ୍ତି । ପୂର୍ବାହ୍ନରେ ଏମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ତୀର୍ଥାଟନ ସମୟରେ ସହଯୋଗ ପାଇଁ ୪ ଜଣ ଏସ୍କର୍ଟ କର୍ମଚାରୀ ଅଛନ୍ତି । ଆସନ୍ତା ୨୪ରେ ସମସ୍ତ ତୀର୍ଥଯାତ୍ରୀ ଜିଲାକୁ ଫେରିବେ ବୋଲି ସେ କହିଛନ୍ତି । ବସ୍‌ଯାତ୍ରା ସମୟ କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ ପକ୍ଷରୁ ଡିଏସ୍ଏସ୍ଓ ରୂପାଲୀ ପ୍ରିୟଦର୍ଶନୀ, ଡିସିପିଓ ବିଜୟକେତନ ସାହୁ, ଡିଆଇପିଆରଓ ତ୍ରିଭୁବନ ଜୟସିଂହ, ଏଡିଆଇପିଆରଓ ଅଶୋକ ବଳିୟାରସିଂ ପ୍ରମୁଖ ଉପସ୍ଥିତ ଥିଲେ ।

# ଶିବାନନ୍ଦ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ

ରାଜନଗର,୧୮।୩ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସାନବଡ଼ ଗୋପାଳପୁରସ୍ଥିତ ଶିବାନନ୍ଦ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାମନ୍ଦିର ସଭାପତି ଦିଲୀପ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବ୍ରହ୍ମଚାରୀ ସତ୍ୟ ଚୈତନ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାନ ସନ୍ଥ ସନାତନ ଧର୍ମର ଅନ୍ୟତମ ପରିବ୍ରାଜକ ସ୍ୱାମିଜୀ ଶିବାନନ୍ଦଙ୍କ ମୁଖ ନିଶୃତ ଅମୃତ ସାମାଜିକ ଦୃଷ୍ଟିଭଙ୍ଗୀ ବାଣୀର ଅବତାରଣା କରିବା ସହ ଆଜିର ଶିଶୁମାନଙ୍କ ଚରିତ୍ର ଗଠନ କ୍ଷେତ୍ରରେ ପ୍ରତ୍ୟେକ ମାତାପିତା ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ତୁଳସୀ କ୍ଷେତ୍ରର ଅନ୍ୟତମ ବାଣୀପୁତ୍ର ତଥା ପ୍ରବଚକ ପଣ୍ଡିତ ହୃଷୀକେଶ ରଥ ଯୋଗଦେଇ ଆଜିର ଅର୍ଥ ଅଭାବ ଦୁନିଆରେ କିପରି ଆମର ସାମାଜିକ ଜୀବନ ଧାରା ଅବକ୍ଷୟ ମୁଖୀ ହେଉଛି ଏହାକୁ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ । ସମ୍ମାନୀୟ ବକ୍ତା ଭାବେ ଶିକ୍ଷାବିତ୍ ଶରତ ଚନ୍ଦ୍ର ମହାପାତ୍ର, ରାଜନଗର ଆଇଆଇସି ନରେଶ କୁମାର ସାହୁ, ପ୍ରେସ୍ କ୍ଲବର ସଭାପତି ଭାସ୍କର ରାଉତରାୟ, ବସନ୍ତ କୁମାର ହାତି ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାମନ୍ଦିର ଅଧ୍ୟକ୍ଷ ସର୍ବେଶ୍ୱର ରାଉତ ବାର୍ଷିକ ବିବରଣୀ ପାଠ କରିଥଲେ । ସହକାରୀ ଶିକ୍ଷକ ଅସୀମ କୁମାର ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥଲେ । ଏହି ଅବସରରେ ବିଦ୍ୟାମନ୍ଦିର ରଜତ ଜୟନ୍ତୀରେ ମୁଖପତ୍ର ଅର୍ପଣକୁ ଅତିଥିମାନେ ଉନ୍ମୋଚନ କରିଥଲେ । ସହକାରୀ ଗୁରୁମା' ସୁଚିତ୍ରା ବେହେରା ଧନ୍ୟବାଦ ଦେଇଥିଲେ । ଶେଷରେ ବିଦ୍ୟାମନ୍ଦିର ପାଇଁ ଗୌରବମୟ କୃତିତ୍ୱ ଆଣିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।




ରଜତ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି ।

# ପୁନରୁଦ୍ଧାର ପୋଖରୀ ପାଲଟିଛି ନର୍ଦ୍ଦମାକୁଣ୍ଡ

ପଟ୍ଟାମୁଣ୍ଡାଇ,୧୮।୩ (କଳ୍ପତରୁ ନାୟକ)



ଅଳିଆ ଆବର୍ଜନାରେ ଭର୍ତ୍ତି କଚେରି ପୋଖରୀ ।

**■ ଆବର୍ଜନାରେ ବୁଡ଼ିଗଲା ବହୁ କୋଟି ଟଙ୍କା**

**■ ପୌର, ବିଜ୍ଞାପିତ ଅଞ୍ଚଳ ଘୋଷଣାକୁ ୩୭ ବର୍ଷ**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇକୁ ରାଜ୍ୟ ସରକାର ଏନ୍ଏସି ଓ ପରେ ମ୍ୟୁନିସିପାଲିଟିର ମାନ୍ୟତା ପ୍ରଦାନ କରିଥିଲେ । ଇତିମଧ୍ୟରେ ଏହି ପୌର ଓ ବିଜ୍ଞାପିତ ଅଞ୍ଚଳ ଘୋଷଣାକୁ ୩୭ବର୍ଷ ପୂରିଛି । କ୍ରମବର୍ଦ୍ଧିଷ୍ଣୁ ସହର ଏବେ ନଦୀ, ନାଳ, ପୋଖରୀକୁ ମାଡ଼ିବାରେ ଲାଗିଛି । ସରକାରୀ ଜମି ଜବରଦଖଲ, ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ମୁଖ୍ୟ ସମସ୍ୟା ହୋଇ ଉଭା ହୋଇଛି । ନଦୀ, ନାଳ ଓ ପୋଖରୀ ଅଳିଆ ଆବର୍ଜନାରେ ଭରି ରହିବା ହେତୁ ବର୍ଷ ସାରା ମଶା ଓ ମାଛିଙ୍କ ବାସସ୍ଥଳ ପାଲଟିଛି । ଏବେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇ ଗଲାଣି । ଅନେକ ଜଳାଶୟ ରକ୍ଷଣାବେକ୍ଷଣ ଅଭାବରୁ ଅବହେଳିତ ହୋଇ ଅଳିଆ ଆବର୍ଜନାରେ ପୋତି ହୋଇପଡ଼ିଛି । କେନ୍ଦ୍ର ସରକାରଙ୍କ ଜଳଶକ୍ତି ଅଭିଯାନରେ ଏହି ପୋଖରୀ ଓ ନାଳର ପୁନରୁଦ୍ଧାର ହୋଇପାରନ୍ତା । ହେଲେ ସ୍ଥାନୀୟ ନେତୃତ୍ୱଙ୍କ ମନୋଭାବ ଅଭାବ ସହ ପ୍ରଶାସକଙ୍କ ଏଥିପ୍ରତି ଦୃଷ୍ଟି ପଡୁ ନ ଥିବାରୁ ଏହା ଅବହେଳିତ ଅବସ୍ଥାରେ ପଡ଼ିଛି ବୋଲି ମତପ୍ରକାଶ ପାଇଛି ।

ସାମାଜିକ କର୍ମୀ ରମେଶ ଦେ କହିଛନ୍ତି, ଅତୀତରେ ପଟ୍ଟାମୁଣ୍ଡାଇ ସହର ପାଖ ଦେଇ ଯାଇଥିବା ଗୋବରୀ ନଦୀ ଓ ପଟ୍ଟାମଣ୍ଡାଇ ଗୋବରୀ ସମ୍ପ୍ରସାରିତ କେନାଲକୁ ଜଳପଥ ଭାବେ ବ୍ୟବହାର କରାଯାଉଥିଲା । ଏଠାରେ ପ୍ରାୟ ୧୫ରୁ ୨୦ଟି ପୁଷ୍କରିଣୀ ଥିଲା । ଇତିମଧ୍ୟରେ ସହରର ୨୦ ୱାର୍ଡରେ ମାତ୍ର ଗୋଟିଏ ୨ଟି ପୋଖରୀ ଦେଖାଯାଉଛି । ପ୍ରାୟ ୧୫ଟି ପୁରାଣ ପ୍ରସିଦ୍ଧ ପୋଖରୀ, ନିକଟସ୍ଥ ଗୋବରୀ ନଦୀ ଓ କେନାଲ ଏବେ ଜବରଦଖଲକାରୀଙ୍କ କବଳକୁ ଚାଲିଯାଇଛି । ସୁଚିନ୍ତିତ ଯୋଜନା ନ ଥିବାରୁ ରାସ୍ତାଗୁଡ଼ିକ ସଙ୍କୁଚିତ ହୋଇରହିଛି । ଗୋବରୀ ନଦୀପଠା, ସରକାରୀ ଜମି ଓ ଦକ୍ଷିଣଦିଆ ମାଆ ବୀଣା ଗୋଚର ପଡ଼ିଆ ଏବେ ଜବରଦଖଲକାରୀଙ୍କ ମାଲିକାନାରେ ଅଛି । ସ୍ଥାନୀୟବାସୀ ଅନନ୍ତ ଦାଶ କହିଛନ୍ତି, ପୌରପାଳିକା ଅଧୀନରେ ବିଭିନ୍ନ ପୋଖରୀ ଥିଲେ ମଧ୍ୟ ସଫା ହୋଇପାରୁନାହିଁ । ଏପରି କି ତହସିଲ କାର୍ଯ୍ୟାଳୟ ପରିସରରେ ଥିବା କଚେରି ପୋଖରୀର ପୁନରୁଦ୍ଧାର ପାଇଁ ପ୍ରାୟ ଦେଢ଼ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲେ ମଧ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି । ନାଳ ଓ ପୋଖରୀଗୁଡ଼ିକ ଆବର୍ଜନାରେ ଭର୍ତ୍ତି ହୋଇଛି । ଫଳରେ ମଶାମାଛିଙ୍କ ପ୍ରାଦୁର୍ଭାବ ସହ ପରିବେଶ ଦୂଷିତ ହେଉଛି । ବର୍ଷାଦିନେ ସହରାଞ୍ଚଳର ବହୁ ସ୍ଥାନ ଜଳାର୍ଣ୍ଣବ ହେଉଛି । ପାଣି ନିଷ୍କାସନ ପାଇଁ ଡ୍ରେନେଜ ସିଷ୍ଟମ୍‌କୁ ଅଦ୍ୟାବଧି ସଜଡ଼ା ଯାଇ ପାରିଲା ନାହିଁ । ପୌରାଞ୍ଚଳର ବିଭିନ୍ନ ସାହିବସ୍ତିରେ ରାସ୍ତାଘାଟର ଅବସ୍ଥା ଶୋଚନୀୟ ହୋଇପଡିଛି । ଆଇନଜୀବୀ ଭବାନୀ ପଣ୍ଡା କହିଛନ୍ତି, ପଟ୍ଟାମୁଣ୍ଡାଇର ମୁଖ୍ୟ ସମସ୍ୟା ମଧ୍ୟରେ ଟ୍ରାଫିକ୍ ବ୍ୟବସ୍ଥା ଗୁରୁତର ହୋଇଛି । ବୁଲା ଗୋରୁ, ଛେଳିମେଣ୍ଢା ଯୋଗୁ ଟ୍ରାଫିକ୍ ନିୟନ୍ତ୍ରଣ ଚିନ୍ତାର କାରଣ ପାଲଟିଛି । ସେହିପରି ସହରାଞ୍ଚଳରେ ନିର୍ଦ୍ଧାରିତ ସ୍ଥାନରେ ବଜାର ଭେଣ୍ଡିଂ ଜୋନ ଖୋଲା ନ ଯିବା ଆଉ ଏକ ସମସ୍ୟା । ଆଲୋକୀକରଣ ବ୍ୟବସ୍ଥାକୁ ଏକ ଘରୋଇ ସଂସ୍ଥାକୁ ଦିଆଯାଇଥିବାରୁ ସହରବାସୀ ବହୁ ସମୟ ରାତ୍ରିକାଳରେ ଷ୍ଟ୍ରିଟ୍ ଆଲୋକ ପାଇବାରୁ ବଞ୍ଚିତ ହେଉଛନ୍ତି । ବୁଦ୍ଧିଜୀବୀ ସଞ୍ଜୟ ବର୍ମା କହିଛନ୍ତି, ୬।୧୨।୧୯୮୮ରେ ପଟ୍ଟାମୁଣ୍ଡାଇ ସମେତ କଷଣଅଣ୍ଡା, ମାଟିଆ, ବାଳିପାଟଣା, ନୀଳକଣ୍ଠପୁର ପ୍ରଭୃତି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ନେଇ ଏନ୍ଏସିର ମାନ୍ୟତା ପ୍ରଦାନ କରାଯାଇଥିଲା । ପରେ ୨୪।୨।୨୦୧୪ରେ ପଟ୍ଟାମୁଣ୍ଡାଇ ଏନ୍ଏସିକୁ ମ୍ୟୁନିସିପାଲିଟିର ମାନ୍ୟତା ମିଳିଥିଲା । ବର୍ତ୍ତମାନ ଏହାର ଜନସଂଖ୍ୟା ସରକାରୀ ଭାବେ ୩୬,୫୨୮ ହୋଇଥିବାବେଳେ ବେସରକାରୀ ହିସାବରେ ଦୁଇଗୁଣା ହେବ । ଏହି ପୌରପାଳିକାରେ ମୋଟ ୨୦ଟି ୱାର୍ଡ ରହିଛି । ଜନସଂଖ୍ୟା ବୃଦ୍ଧି ଆଖି ଆଗରେ ରଖି ୱାର୍ଡ ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ହେଁ ଏହା କାର୍ଯ୍ୟକାରୀ ହୋଇନାହିଁ । ପଟ୍ଟାମୁଣ୍ଡାଇ ସହରାଞ୍ଚଳରେ ଲୋକମାନଙ୍କ ବିଭିନ୍ନ ସମସ୍ୟା ରହିଛି । ତନ୍ମଧ୍ୟରୁ ପାଣି ନିଷ୍କାସନ, ଗମନାଗମନ, ସ୍ୱାସ୍ଥ୍ୟ, ପାନୀୟ ଜଳ, ବଜାର, ଟ୍ରାଫିକ୍ ସମସ୍ୟା ସମେତ ପାଠାଗାର ପ୍ରତିଷ୍ଠା ସହରବାସୀଙ୍କ ମୌଳିକ ସମସ୍ୟା ରହିଛି । ଏହି ପୌରାଞ୍ଚଳ ଉନ୍ନତି ପାଇଁ ସ୍ୱତନ୍ତ୍ର ଯୋଜନା ଆବଶ୍ୟକ । ଏଥିପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଅନୁଦାନ ଯୋଗାଇ ଦେବାକୁ ପଟ୍ଟାମୁଣ୍ଡାଇ ସହରବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ରଙ୍କୁ ପଚାରିବାରେ ଜବରଦଖଲକାରୀ ନୋଟିସ୍ କରାଯାଇ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି ।

# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ପ୍ରଶାସନିକ ତତ୍ପରତା



ନଦୀକୂଳରେ ନିର୍ମାଣ କରାଯାଇଥିବା ଫୁଟ୍‌ପାଥ୍ ।



ନୀଳମାଧବ ମନ୍ଦିରକୁ ରଙ୍ଗ କରାଯାଇଛି ।

■ଝଲସିବ ନୀଳମାଧବଙ୍କ କ୍ଷେତ୍ର
■ମହାନଦୀ କୂଳ ପରିକ୍ରମା ରାସ୍ତା ଓ ଲିଫ୍ଟ କାର୍ଯ୍ୟ ଚାଲିଛି
■ଶବରପଲ୍ଲୀ ମାଳବନ୍ଧ ରାସ୍ତା ନବୀକରଣ ହେଲା

ଖଣ୍ଡପଡ଼ା,୧୮।୩(ଅଜୟ କୁମାର ମହାରଣା)

ଆସନ୍ତା ୨୪ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କଣ୍ଟିଲୋ ଶ୍ରୀନୀଳମାଧବଙ୍କ ଦର୍ଶନ କରିବାକୁ ଆସୁଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ନୀଳମାଧବଙ୍କ ଆଦ୍ୟ ସେବକ ଶବରରାଜା ବିଶ୍ୱାବସୁଙ୍କ ଜନ୍ମପୀଠ କାଳିଆପଲ୍ଲୀକୁ ଯିବେ । ସେଠାରେ ବିଶ୍ୱାବସୁ ଶବର ସମାଜ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ଅଛି । ଏଥିପାଇଁ ଦୀର୍ଘଦିନରୁ ଉପେକ୍ଷିତ ହୋଇ ପଡିଥିବା କମେଇ ପୂର୍ତ୍ତ ବିଭାଗ ରାସ୍ତାଠାରୁ ପ୍ରାୟ ୫ କିମି ଦୂର କମେଇ ମାଳବନ୍ଧ ରାସ୍ତା ନୂଆରୂପରେ ସଜାଯାଉଛି। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ମାଳବନ୍ଧ ରାସ୍ତା ସୁଗମ୍ୟ ହୋଇଛି । ଗତ ସରକାରଙ୍କ ସମୟରେ ନୀଳମାଧବ ପୀଠର ବିକାଶ ପାଇଁ ୧୦୦କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିଲା । ଏହି ବିକାଶ ପ୍ରକଳ୍ପର କାର୍ଯ୍ୟ ୧୮ ମାସ ମଧ୍ୟରେ ଶେଷ ହେବ ବୋଲି ଘୋଷଣା କରାଯାଇଥିଲା। ହେଲେ ଆଜକୁ ୩୪ ମାସ ବିତିଥିଲେ ମଧ୍ୟ ସେହି କାମ ଶେଷ ହେବାର ନାଁଗନ୍ଧ ଧରୁନି । ତେବେ ଏହି ପ୍ରକଳ୍ପର ମୁଖ୍ୟ ଆକର୍ଷଣ ରହିଛି ୨୧ ମିଟର ଉଚ୍ଚତା ବିଶିଷ୍ଟ ଲିଫ୍ଟ ଲବି ଓ ସ୍କାଏ ବ୍ରିଜ୍। ଏହାଦ୍ୱାରା ଭିନ୍ନକ୍ଷମ ଓ ବୟସ୍କ ବ୍ୟକ୍ତିମାନେ ବ୍ରହ୍ମାଦ୍ରୀ ଓ ପଦ୍ମାଦ୍ରୀ ପାହାଡ଼ ଉପରେ ବିରାଜିତ ପ୍ରଭୁ ନୀଳମାଧବଙ୍କୁ ସହଜ, ସୁବିଧା ଓ ସୁରକ୍ଷିତ ଭାବେ ଦର୍ଶନ କରିପାରିବେ । ଏହି ଲିଫ୍ଟ କାର୍ଯ୍ୟ କାର୍ଯ୍ୟକ୍ଷମ ହେବାରେ ବିଳମ୍ବିତ ହେଉଥିବା ବେଳେ ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଏହି ଲିଫ୍ଟକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବା ପଇଁ ପ୍ରୟାସ ଜାରି ରହିଛି। ଏହାଛଡା ରୋଡ଼ମ୍ୟାପ ଅନୁସାରେ ରାଷ୍ଟ୍ରପତି କଣ୍ଟିଲୋ ବଜାର ମହାନଦୀ ମାଳବନ୍ଧପାର୍ଶ୍ୱ ଦେଇ ନୀଳମାଧବଙ୍କ ପଶ୍ଚିମପାର୍ଶ୍ୱ ରାସ୍ତାରେ ଯିବାର କାର୍ଯ୍ୟକ୍ରମ ରହିଛି। ସେଥିପାଇଁ ଜଳ ସଂପଦ ବିଭାଗ ପକ୍ଷରୁ ଉକ୍ତ ୩୪୦ ମିଟର ରାସ୍ତାର ୨ ପାର୍ଶ୍ୱକୁ ୨.୫ ମିଟର ଓସାର ବିଶିଷ୍ଟ ରାସ୍ତା ଚାଲିକରି ଯିବା ପାଇଁ(ଫୁଟପାଥ)କୁ ହାର୍ଡ ଟାଇଲ ବିଛା ଯାଉଥିବା ବେଳେ ଯାନବାହାନ ଚଳାଚଳ ପାଇଁ ୭ମିଟର ଚଉଡାର ସିମେଣ୍ଟ କଂକ୍ରିଟ ରାସ୍ତା କରାଯାଉଛି । ଚନ୍ଦନ ପୋଖରୀରୁ ସମ୍ପୂର୍ଣ୍ଣ ପଙ୍କୋଦ୍ଧାର କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଇତିମଧ୍ୟରେ ନୀଳମାଧବଙ୍କ ମନ୍ଦିର, ଏହାର ପାର୍ଶ୍ୱବର୍ତ୍ତୀ ମନ୍ଦିରକୁ ବିଭିନ୍ନ ରଙ୍ଗର ପ୍ରଲେପ ଦିଆଯାଇ ଆକର୍ଷିତ କରାଯାଉଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ନୀଳମାଧବ ପୀଠ ଚଳଚଞ୍ଚଳ ହୋଇଉଠିଛି।

## ଦଣ୍ଡପର୍ବ ପାଇଁ ଆରମ୍ଭ ହେଲା ଆଖଡ଼ା



ଆଖଡାରେ ସାମିଲ ହୋଇଥିବା ମାନସିକଧାରୀ ଯୁବକମାନେ ।

ଖଣ୍ଡପଡ଼ା,୧୮।୩(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ନିଷ୍ଠା ଓ କାଷ୍ଠାର ପର୍ବ ଭାବେ ଜଣାଶୁଣା ଦଣ୍ଡପର୍ବ ପାଇଁ ଏବେ ଠାରୁ ଆରମ୍ଭ ହୋଇଛି ଆଖଡା । ଗ୍ରାମର କୋଠ ଓ ମନ୍ଦିର ବେଢାରେ ରାତିରେ ଜମୁଛି ମାନସିକଧାରୀ ଓ ଦଣ୍ଡପର୍ବରେ ସାମିଲ ହେଉଥିବା ଦଣ୍ଡୁଆମାନଙ୍କ ଭିଡ଼ । ନାଚ, ଗୀତର ତାଳେ ତାଳେ ଜମୁଛି ଆଖଡା । ଆଉ କିଛି ଦିନ ପରେ ଦଣ୍ଡଯାତ୍ରା ପର୍ବ ଆରମ୍ଭ ହେବ । ବିଭିନ୍ନ ଦେବା ଦେବୀ ପୀଠ ଓ ମା'କାଳୀଙ୍କ ପୀଠରେ ଦଣ୍ଡପର୍ବ ପାଇଁ ପ୍ରାକ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିବା ବେଳେ ରାତିରେ ଦଣ୍ଡନାଚ ନିମନ୍ତେ ଏବେ ସବୁଠି ଆଖଡା ଚାଲିଛି । ଦଣ୍ଡପର୍ବ ଯୋଗୁ ସବୁଠି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଏପରି କି ପ୍ରତି ଗାଁରେ ଏବେ ଠାରୁ ଆମିଷର ବ୍ୟବହାର ଓ ବିକ୍ରୀ ଉପରେ କଟକଣା ଲାଗୁ କରାଯାଇଛି। ଆସନ୍ତା ପଣା ସଂକ୍ରାନ୍ତୀର ପୂର୍ବ ଦିନ ମେରୁପର୍ବ ଅବସରରେ ଦଣ୍ଡପର୍ବ, ଝାମୁଚଲା ପର୍ବ ଅନୁଷ୍ଠିତ ହେବ ।

## ଭୂତଳ ଜଳସ୍ତର ହ୍ରାସ, ଏବେଠୁ ଜଳକଷ୍ଟ

ଖଣ୍ଡପଡ଼ା,୧୮।୩(ଅଜୟ କୁମାର ମହାରଣା)

ଜଙ୍ଗଲ ଓ ପାହାଡିଆ ଅଞ୍ଚଳ ଭାବେ ଜଣାଶୁଣା ଖଣ୍ଡପଡ଼ା ବ୍ଲକ୍ ଅଞ୍ଚଳର ବାସିନ୍ଦା ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ଜଳକଷ୍ଟ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି । ଚଳିତ ବର୍ଷ ଗ୍ରୀଷ୍ମର ପ୍ରକୋପ ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ତା'ସହ ତାଳଦେଇ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି । ଖଣ୍ଡପଡ଼ା ଅଞ୍ଚଳ ଦେଇ ପ୍ରବାହିତ ମହାନଦୀ ଓ ତା'ର ଶାଖା କୁସୁମୀ, କୁଆଁରିଆ, ଆମ୍ବନାଳ, ଡ଼ାହୁକା, ଲୁଣିଝରା, ସୁନାମୁହିଁ ନଦୀ ଏବେ ଶୁଖିଲା ପଡିଛି । ନଦୀପାର୍ଶ୍ୱ ପଠାରେ ଚାଷବାସ କରି ପରିବାର ପ୍ରତିପୋଷଣ କରୁଥିବା ଚାଷୀ ପରିବାର ପାଣି ଅଭାବରୁ ହାତବାନ୍ଧି ବସିଛନ୍ତି । ସେହିପରି ଭୂତଳ ଜଳସ୍ତର ହ୍ରାସ ଯୋଗୁ ନଦୀପଠାରେ ଥିବା ଉଠାଜଳସେଚନ ପ୍ରକଳ୍ପ ମଧ୍ୟରୁ ଏକାଧିକ ଅଚଳ ଅବସ୍ଥାରେ ପଡିରହିଛି। ଖାଲି ସେତିକି ନୁହେଁ ଚିରସ୍ରୋତା ମହାନଦୀ ପ୍ରତିବର୍ଷ ଶୁଖିଲା ପଡୁଥିବା ବେଳେ ମହାନଦୀର ଜଳଧାରଣ କ୍ଷମତା ମଧ୍ୟ ହ୍ରାସ ପାଇବାରେ ଲାଗଛି । ଏଭଳି ସ୍ଥିତିରେ ଅଞ୍ଚଳବାସୀଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ପାନୀୟ ଜଳ ସମସ୍ୟାର ସମାଧାନ ସହ ଚାଷଜମିଗୁଡ଼ିକୁ ଜଳସେଚିତ କରିବାର ଲକ୍ଷ୍ୟ ନେଇ ଅନେକ କୋଟି ଟଙ୍କା ବ୍ୟୟରେ ନିର୍ମିତ ଚେକ୍‌ଡ୍ୟାମ ଶୁଖିଲା ପଡିଥିବା ବେଳେ ଏ ବାବଦରେ ବ୍ୟୟ ଅନୁଦାନ ଅର୍ଥ ପାଣିରେ ପଡିବା ସାର ହୋଇଛି । ଅଞ୍ଚଳବାସୀଙ୍କ ଜୀବନରେଖା କୁହାଯାଉଥିବା ଚିରସ୍ରୋତା ମହାନଦୀ ଓ ତା'ର ପ୍ରମୁଖ ଶାଖା ନଦୀଗୁଡିକରେ ବ୍ୟାରେଜ ନିର୍ମାଣ ନିମନ୍ତେ ଅଞ୍ଚଳବାସୀ ଦୀର୍ଘ ବର୍ଷ ଧରି ଦାବି କରି ଆସୁଥିଲେ ହେଁ ଏ ଦିଗରେ ବିଗତ ସରକାର କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ନଦୀରେ ବ୍ୟାରେଜ ନିର୍ମାଣ ହେଲେ ଜଳ ସଂରକ୍ଷିତ ହୋଇ ରହିବା ସହ ଗ୍ରୀଷ୍ମ ଋତୁରେ ଭୂତଳ ଜଳସ୍ତର ଆଉ ହ୍ରାସ ପାଇବ ନାହିଁ ବୋଲି ଜଣାପଡିଛି। ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଖଣ୍ଡପଡ଼ାର ଜନସାଧାରଣ ଦାବି କରିଛନ୍ତି । ଏଥିପ୍ରତି ବିଧାୟକ ଦୃଷ୍ଟି ଦେବାକୁ ଦାବି ହେଉଛି।



ଶୁଖିଲା ପଡିଛି ମହାନଦୀ ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ମଧୁସ୍ମିତା



@ ପ୍ରଶାନ୍ତ



@ ରାଜକୁମାର



@ ସୋମନାଥ



@ ତୃପ୍ତି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜିଲାପାଳଙ୍କ ଅଫିସ ସମ୍ମୁଖରେ ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ

ନୟାଗଡ଼,୧୮ ।୩(ଲୋକନାଥ ମିଶ୍ର):

ଅଙ୍ଗନୱାଡି କର୍ମୀ ଓ ସହକର୍ମୀଙ୍କ ସମସ୍ୟା ସମାଧାନ ହେଉ ନ ଥିବାରୁ ୧୦ଦଫା ଦାବି ପୂରଣ ନେଇ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଅଙ୍ଗନୱାଡ଼ିକର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଭାରତୀୟ ମଜଦୁର ସଂଘ ସଂଲଗ୍ନ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡ଼ିଜ ୱାର୍କରସ ଆସୋସିଏଶନ ତରଫରୁ ଆୟୋଜିତ ଏହି ବିକ୍ଷୋଭରେ ଅଙ୍ଗନୱାଡ଼ି କର୍ମୀମାନେ ନୟାଗଡ଼ ଖେଳ ପଡ଼ିଆରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇଥିଲେ । ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ଅଣ୍ଡା ଦର ବୃଦ୍ଧି କରିବା, ସୁଭଦ୍ରା ଯୋଜନାରେ ଇନସେଟିଭ ଦେବା, ମମତା ଯୋଜନାରେ ଇନସେଟିଭ ବୃଦ୍ଧି କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିଲେ ହେଁ ଅଙ୍ଗନୱାଡି କର୍ମୀ ଓ ସହକର୍ମୀଙ୍କୁ ଶୋଷଣ କରାଯାଉଛି। ଶୋଷଣଙ୍କୁ ବନ୍ଦ କରିବାକୁ ହେଲେ ପ୍ରକଳ୍ପକୁ ଉଚ୍ଛେଦ କରାଯିବା ଦରକାର। ସେହିପରି ନୂତନ ନିୟମ ପ୍ରଣୟନ କରି ସମସ୍ତ ଅଙ୍ଗନୱାଡି କର୍ମୀ ଓ ସହକର୍ମୀଙ୍କୁ ନିୟମିତ କରାଯାଉ। ପୁଣି ସୁପରଭାଇଜର ପଦବୀରେ ବରିଷ୍ଠତା ଭିତ୍ତିରେ ପାସିଂ ଆଉଟ ଆଧାରରେ କର୍ମୀଙ୍କୁ ଶତ ପ୍ରତିଶତ ପଦୋନ୍ନତି ଦିଆଯାଉ । ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀ ଘୋଷଣା କରାଯାଉ। ଯେପର୍ଯ୍ୟନ୍ତ ସେମାନଙ୍କୁ ସରକାରୀ କର୍ମଚାରୀ କରାଯାଇ ନାହିଁ ସେପର୍ଯ୍ୟନ୍ତ ପ୍ରତ୍ୟେକ କର୍ମୀଙ୍କୁ ମାସିକ ୧୮୦୦୦ ଟଙ୍କା ପାରିଶ୍ରମିକ ଦିଆଯାଉ। ଅଭିଜ୍ଞତାକୁ ନେଇ ପ୍ରତ୍ୟେକ ବର୍ଷ ଅଙ୍ଗନୱାଡି କର୍ମୀଙ୍କୁ ଇନ୍‌କ୍ରିମେଣ୍ଟ ଦେବା ଆଦି ଦାବି ରହିଛି। ସେହିଭଳି ଗତ ନିର୍ବାଚନ ସମୟରେ ନିର୍ବାଚନୀ ଇସ୍ତାହାରରେ ଉଲେଖ କରିଥିବା ସହାୟତା ରାଶିକୁ ସଙ୍ଗଠନ ସହିତ ଆଲୋଚନା କରାଯାଇ ତୁରନ୍ତ ଲାଗୁକରାଯାଉ। ଏସ୍ଏନପିର ମୂଲ୍ୟ ବୃଦ୍ଧି ହୋଇ ନ ଥିବାରୁ ତୁରନ୍ତ ଗରମ ରନ୍ଧାଖାଦ୍ୟର ମୂଲ୍ୟ ରିଭାଇଜ କରିବା, ୨୦୨୧ରୁ ଦେଇ ନ ଥିବା ଅବସରକାଳୀନ ସହାୟତା ରାଶି ତୁରନ୍ତ ପ୍ରଦାନ, ଗାଁ କଲ୍ୟାଣ ସମିତିର ଆବାହିକା ପଦବୀରୁ ଅଙ୍ଗନୱାଡି କର୍ମୀଙ୍କୁ ବାଦ ଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଅନ୍ୟପକ୍ଷେ ମାତୃ ବନ୍ଦନା ଯୋଜନାର ଇନସେଟିଭ ୫୦୦ ଟଙ୍କାକୁ ବୃଦ୍ଧି କରାଯାଉ । ପୋଷଣ ଟ୍ରେକର ସମସ୍ତ କାର୍ଯ୍ୟକୁ ଠିକ୍‌ଭାବେ କରିବା ପାଇଁ ଫାଇଭ ଜି ମୋବାଇଲ ସହିତ ନେଟ୍‌ପ୍ୟାକ ବାବଦକୁ ବାର୍ଷିକ ୪୦୦୦ ଟଙ୍କା ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଅଲ ଓଡିଶା ଅଙ୍ଗନୱାଡି ଲେଡ଼ିଜ ୱାର୍କରସ ଆସୋସିଏଶନର ନୟାଗଡ଼ ଜିଲା ସଭାପତି ଜ୍ୟୋସ୍ନାମୟୀ ପଣ୍ଡା ଓ ସମ୍ପାଦକ ଗୀତାଞ୍ଜଳି ସେଠୀ, ଭାରତୀୟ ମଜଦୁର ସଂଘର ଜିଲା ସଭାପତି ବନମାଳୀ ମିଶ୍ର ଓ ସମ୍ପାଦକ ସୁକାନ୍ତ ମହାପାତ୍ର ଓ ଭାରତୀୟ ମଜଦୁର ସଂଘର ଯୁବନେତା ପ୍ରକାଶ ପାଣିଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା।



ଅଙ୍ଗନୱାଡି କର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଗଡିଶ୍ୱର ମହାଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଖଣ୍ଡପଡା,୧୮।୩(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ବେଣାଗାଡିଆ ପଞ୍ଚାୟତ କାଦୁଆ ଗ୍ରାମସ୍ଥିତ ଗଡିଶ୍ୱର ମହାଦେବଙ୍କ ପୀଠରେ ୮ମ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ମହାବୀର ଯୁବ ପରିଷଦ ଓ କାଦୁଆ ଗ୍ରାମବାସୀଙ୍କ ସହ ଯୋଗରେ ୩ଦିନ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀବଜରଙ୍ଗବାଲିଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଘଣ୍ଟଘଣ୍ଟା, ହରିବୋଲ ହୁଳହୁଳିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଏ ଅବସରରେ ପ୍ରତିଦିନ ସନ୍ଧ୍ୟାରେ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ପରିବେଷିତ ସଂକୀର୍ତ୍ତନ ଓ ରାମଲୀଳା ସୀତାଚୋରୀ ପ୍ରସଙ୍ଗରେ ଗାୟିକା ପ୍ରଭାତୀ ବେହେରା, ନୟାଗଡ଼ ବାଦଭୂଇଁ ଅଞ୍ଚଳର ଲକ୍ଷ୍ମଣ ସ୍ୱାଇଁ ଓ ସାଥିଙ୍କ ଦ୍ୱାରା ଭାରତ ଲୀଳା ପରିବେଷଣ କରାଯାଇଥିଲା । ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବାକୁ ଲୋକଙ୍କ ଭିଡ଼ ଜମିଥିଲା।

## ଶ୍ରୀରାମଚରିତ ମାନସ ପାରାୟଣ ଉଦ୍‌ଯାପିତ

ଖଣ୍ଡପଡ଼ା,୧୮।୩(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ପଶ୍ଚିମମୁଖା ହନୁମାନଙ୍କ ପୀଠରେ ଚାଲିଥିବା ଶ୍ରୀରାମଚରିତ ମାନସ ଓ ପ୍ରବଚନ କାର୍ଯ୍ୟକ୍ରମର ପୂର୍ଣ୍ଣାହୁତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୂର୍ଣ୍ଣାହୁତିରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ବ୍ୟାସ ଭାବେ ଦୁର୍ଗାମାଧବ ମିଶ୍ର, କର୍ତ୍ତା ଭାବେ କିଶୋର ଚନ୍ଦ୍ର ଦାସ ଦାୟିତ୍ୱ ତୁଲାଇଥିଲେ । ପଶ୍ଚିମମୁଖା ହନୁମାନ ମନ୍ଦିର କମିଟିର ସଭାପତି କାଶୀନାଥ ଦାସ ଓ ସଦସ୍ୟମାନଙ୍କର ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି।

## ବାତିଲ ହେଲା ସାଧାରଣ ସଭା ବୈଠକ

■ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ
■ଜିଲାପାଳଙ୍କ ନିର୍ଦ୍ଦେଶରେ ସମ୍ପାଦକ କଲେ ବାତିଲ

ନୟାଗଡ଼,୧୮ ।୩(ଲୋକନାଥ ମିଶ୍ର):

ମାର୍ଚ୍ଚ ୧୯ରେ ଜିଲା ପରିଷଦର ସମ୍ମିଳନୀ କକ୍ଷରେ ହେବାକୁ ଥିବା ସାଧାରଣ ସଭା ବୈଠକ ବାତିଲ୍ ହୋଇଛି । ନୟାଗଡ଼ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃର ସମ୍ପାଦକ ସାଧାରଣ ସଭା ବୈଠକକୁ ମଙ୍ଗଳବାର ବାତିଲ କରିଛନ୍ତି । ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ପରିଚାଳନା ପରିଷଦର ସଭାପତି ଥିବାବେଳେ ସମ୍ପାଦକ ସାଧାରଣ ସଭା ବୈଠକ ଡାକିବାକୁ ନେଇ ପ୍ରତିବାଦ ଉଠିଥିଲା । ବ୍ୟାଙ୍କ ସମ୍ପାଦକ ସାଧାରଣ ସଭା ବୈଠକ ଡାକିବାକୁ କରିଥିବା ନୋଟିସ୍‌କୁ ବିରୋଧ କରି ଜିଲାପାଳଙ୍କୁ ଶତାଧିକ ପାକ୍ସ ସଭାପତି ଓ ନୟାଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ପରିଚାଳନା ପରିଷଦର କର୍ମକର୍ତ୍ତା ଗତ ସୋମବାର ଫେରାଦ୍ ହୋଇଥିଲେ । ବେଆଇନ ଭାବେ ସାଧାରଣ ସଭା ବୈଠକ ଡାକିଥିବା ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ବୈଠକ ବାତିଲ କରିବାକୁ ଦାବି କରିଥିଲେ । ଶତାଧିକ ପାକ୍ସ ସଭାପତି ଓ ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ପରିଚାଳନା ପରିଷଦର କର୍ମକର୍ତ୍ତାଙ୍କର ଅଭିଯୋଗ ପାଇବା ପରେ ମଙ୍ଗଳବାର ସେମାନଙ୍କ ସହ ଆଲୋଚନା କରି ସାଧାରଣ ସଭା ବାତିଲ୍ କରିବାକୁ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ନିର୍ଦ୍ଦେଶ ଦେଇଥିଲେ । ପରେ ବ୍ୟାଙ୍କ ସମ୍ପାଦକ ସାଧାରଣ ସଭାର ବୈଠକକୁ ବାତିଲ କରିଛନ୍ତି । ଏନେଇ ଶିଖରପୁର ପାକ୍ସ ସଭାପତି ସନ୍ୟାସୀ ପ୍ରଧାନ କୁହନ୍ତି,ନୟାଗଡ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ପରିଚାଳନା ପରିଷଦର କ୍ଷମତାକୁ ଅପବ୍ୟବହାର କରାଯାଇଥିଲା । ଜିଲାପାଳଙ୍କୁ ଫେରାଦ୍ ହେବା ପରେ ସାଧାରଣ ସଭାର ବୈଠକ ବାତିଲ କରାଯିବାରୁ ନ୍ୟାୟ ମିଳିଛି ବୋଲି କହିଛନ୍ତି ।

## ୨୦ରେ ମା' ପାଟ୍ଟଖଣ୍ଡା କାନ୍ଦୁଲ ଭଜା ଯାତ୍ରା ଭେଟଘାଟ୍

ବାଲିଗୁଡା,୧୮।୩(ସଞ୍ଜୟ କୁମାର ପାଣିଗ୍ରାହୀ):

ବାଲିଗୁଡା ସ୍ଥିତ ମା' ପାଟ୍ଟଖଣ୍ଡା ଦୁର୍ଗାପୂଜା ସମିତି ଆନୁକୂଲ୍ୟରେ ଆସନ୍ତା ୨୦ ତାରିଖରେ ଆମ ସଂସ୍କୃତି, ପ୍ରଥା ଓ ପରମ୍ପରାର ଯାତ୍ରା ମା' ପାଟ୍ଟଖଣ୍ଡା କାନ୍ଦୁଲ ଭଜା ଯାତ୍ରା ଭେଟଘାଟ୍– ୨୦୨୫ ଦୁର୍ଗାପୂଜା ମଣ୍ଡପ ପରିସରରେ ଅନୁଷ୍ଠିତ ହେବ। ଉକ୍ତ ଯାତ୍ରାରେ ମୁଖ୍ୟ ଅତିଥି ଭାବେ ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା, ସମ୍ମାନିତ ଅତିଥି ରୂପେ ବାଲିଗୁଡ଼ା ମୁଠା ମୁଖ୍ୟ ଓ ନୂଆସାହି ମୁଠା ମୁଖ୍ୟ ଯୋଗଦେବେ। ଗୁରୁବାର ଅପରାହ୍ନ ୧ଟାରେ ମା' ପାଟ୍ଟଖଣ୍ଡାଙ୍କ ନିକଟରେ କାନ୍ଦୁଲ ଭଜା ଯାତ୍ରା, ଅପରାହ୍ନ ୨ଟାରେ ଭେଟଘାଟ୍ ଓ ସନ୍ଧ୍ୟା ୬ ଟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ସମ୍ମାନିତ କରାଯିବ।

